# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414


ପତ୍ର ସଂଖ୍ୟା ---୬୮୯----/ସୂ.ଲୋ.ସଂ ତା.-୧୭/୦୮/୨୦୨୦-

## ଢେଙ୍କାନାଳ ଜିଲ୍ଲାରେ ୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ଏବଂ ଚିକିତ୍ସା ପରେ ୭୨ ଜଣ ସୁସ୍ଥ ହୋଇ ଘରକୁ ଫେରିଲେ ।

ଢେଙ୍କାନାଳ, ତା. ୧୭.୦୮.୨୦୨୦

ଢେଙ୍କାନାଳ ଜିଲ୍ଲାରେ ୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଢେଙ୍କାନାଳ ମ୍ୟୁନିସିପାଲିଟି ଦକ୍ଷିଣ କାଳୀ ଅଞ୍ଚଳରୁ ୭ ଜଣ, ରିଜର୍ଭ ପୋଲିସ୍ ଲାଇନ୍‌ରୁ ୨ ଜଣ, ଭୁବନ ଏନ୍.ଏ.ସି. ରୁ ୩ ଜଣ, ସଦର ବ୍ଲକ୍ ବାଲିଆମ୍ବରୁ ୧ ଜଣ, ଜେନା ସାହୁ ପାଟଣାରୁ ୧ ଜଣ, ଗନ୍ଦିଆଁ ବ୍ଲକ୍‌ର ପିଙ୍ଗୁଆ ଗ୍ରାମର ୨ ଜଣ, ଓଡ଼ାପଡ଼ା ଗୁଣ୍ଡିଚା ପଡ଼ାରୁ ୧ ଜଣ ଏବଂ କାନମୂର୍ଗା ଅଞ୍ଚଳର ୧ ଜଣ ବ୍ୟକ୍ତି ଏସ୍.ସି.ବି., ମେଡ଼ିକାଲ୍ କଲେଜ୍‌ରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଚିହ୍ନଟ ହୋଇଛନ୍ତି ।

ସମୁଦାୟ ୧୮ ଜଣଙ୍କ ମଧ୍ୟରୁ ହୋମ୍ କ୍ୱାରେଣ୍ଟ୍ ଟାଇମରୁ ୭ ଜଣ, ଆଣ୍ଟିଜେଣ୍ଟ୍ ଟେଷ୍ଟ୍ ଦ୍ୱାରା ୧୦ ଜଣ ଏବଂ ଏସ.ସି.ବି., ମେଡ଼ିକାଲ୍ କଲେଜରୁ ୧ ଜଣ ଚିହ୍ନଟ ହୋଇଛନ୍ତି । ସମସ୍ତ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସେମାନଙ୍କ ଲକ୍ଷଣ ଅନୁଯାୟୀ ଢେଙ୍କାନାଳ କୋଭିଡ୍ ହସ୍ପିଟାଲ୍ ଏବଂ କୋଭିଡ୍ କ୍ୟାର୍ ସେଣ୍ଟର ଗୋବିନ୍ଦପୁରକୁ ଚିକିତ୍ସା ନିମନ୍ତେ ପଠେଇ ଦିଆଯାଇଅଛି ଏବଂ ସଂପୃକ୍ତ ଆକ୍ରାନ୍ତ ବ୍ୟକ୍ତିଙ୍କ ଅଞ୍ଚଳ ଏବଂ ବାସଗୃହକୁ ବିଶୋଧନ କରାଯାଇଛି ।

ଚିକିତ୍ସା ପରେ ଜିଲ୍ଲାରେ ୭୨ ଜଣ କରୋନା ଆକ୍ରାନ୍ତ ବ୍ୟକ୍ତି ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଆଜିସୁଦ୍ଧା ଜିଲ୍ଲାର ସମୁଦାୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୨୧ ହୋଇଥିବା ସ୍ଥଳେ ୫୭୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଏବଂ ୩୪୮ ଜଣ ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି ଏବଂ ପୂର୍ବରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ।

ତେଣୁ କ୍ରମବର୍ଦ୍ଧିଷ୍ଣୁ କରୋନା ମହାମାରିକୁ ରୋକିବା ପାଇଁ ଢେଙ୍କାନାଳ ଜିଲ୍ଲାର ସମସ୍ତ ଜନ ସାଧାରଣ ମାସ୍କ ପିନ୍ଧିବାକୁ ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ତତ୍‌ସହିତ କୋଭିଡ୍ -୧୯ ର ସମସ୍ତ ନିୟମକୁ ପାଳନ କରିବା ପାଇଁ ପ୍ରଶାସନ ତରଫରୁ ନିବେଦନ କରାଯାଉଅଛି ।

---

ଏହାର ନକଲ ଗଣମାଧ୍ୟମର ପ୍ରତିନିଧୀମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

୧୭.୮.୨୦୨୦

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ଢେଙ୍କାନାଳ